
ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ଚିତ୍ରିତ ଚଉତିଶା

ଡକ୍ଟର ନମିତା ପ୍ରଧାନ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ, କୁଆମରା, ମୟୂରଭଞ୍ଜ
anadi.gan@rediffmail.com

***ସଂକ୍ଷିପ୍ତ ପରିଚୟ*** - *ଚଉତିଶାର ଆଙ୍ଗିକକୁ ବିଚାର କଲେ, ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ କବିକର୍ମର ସୁସଂଯତ କଳାତ୍ମକତାକୁ ଭେଟିବାକୁ ପଡ଼େ ଓ ବିସ୍ମିତ ହେବାକୁ ହୁଏ । କୋଇଲି ଗୀତଗୁଡ଼ିକ ଚଉତିଶା ନିୟମ ରକ୍ଷାପାଇଁ ବାଧ ନ ହେଲେ ସୁଦ୍ଧା, ଅଧିକାଂଶ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ କବି ଏହି ନିୟମକୁ ଆଦରି ନେଇଛନ୍ତି । କବି ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଓ କବି ନିରେନ୍ଦ୍ରାନୁଜଙ୍କ 'ଜଣାଣ ଚଉତିଶା' ଉଭୟର ଭାବ, ଶବ୍ଦ ପ୍ରୟୋଗ ଓ ଗଠନ ପ୍ରକ୍ରିୟା ଦୃଷ୍ଟିରୁ ଏକ ପ୍ରକାରର ଓ କାହାଣୀ ମଧ୍ୟ ଅତ୍ୟନ୍ତ ସରଳ । ଲଳିତ ଭାଷା, ବିଷୟ ନିର୍ବାଚନ, ଭାଷାର ଭାବାନୁସାରୀ ଓ ସାବଲୀଳ ପ୍ରୟୋଗ ପାଠକର ଚେତନାକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୃଜନ ରସରେ ମୁଗ୍ଧ କରିରଖେ । 'କୁମୁଦକାନ୍ତ ଚଉତିଶା'ର ଚିତ୍ରଗୁଡ଼ିକ ସମ୍ଭବତଃ କବିଙ୍କ ଦ୍ୱାରା ଅଙ୍କିତ । ଏଥିରେ ୨୪ ଗୋଟି ବନ୍ଧଚିତ୍ର ରହିଥିଲେ ସୁଦ୍ଧା, ମାତ୍ର ଗୋଟିଏ ପଦ (୩୧ଶ)ରେ ସମ୍ଭୋଗ ବର୍ଣ୍ଣନାର ସୂଚନା ରହିଛି ।*

***ପ୍ରମୁଖ ଶବ୍ଦାବଳୀ*** *(Keywords) - ଚଉତିଶା, ଛାନ୍ଦ, କୋଇଲି ଗୀତ, ବୋଲିଗୀତ* , ନନ୍ଦାବାଈ

ଚଉତିଶା ପ୍ରାଚୀନ ପଦ୍ୟସାହିତ୍ୟର ଏକ ଚମତ୍କାର କାବ୍ୟିକ ଆବେଗ । ଏହା ଷୋଡ଼ଶ ଶତାବ୍ଦୀର ଯଥେଷ୍ଟ ପୂର୍ବବ ରଚନା । କେତେକ ଆଲୋଚକ ଏହାକୁ ସାରଳାଙ୍କ ପୂର୍ବବର୍ତ୍ତୀ ରଚନା ଭାବରେ ବିଚାର କରନ୍ତି ଓ ସେହି ଦୃଷ୍ଟିରୁ ବତ୍ସାଦାସଙ୍କ 'କଳସା ଚଉତିଶା'କୁ ସାରଳାଙ୍କଠାରୁ ପ୍ରାଚୀନ ବୋଲି ଉଲ୍ଲେଖ କରନ୍ତି । ଯଦି ଏହି ଚଉତିଶାର ଆଙ୍ଗିକକୁ ବିଚାର କରାଯାଏ, ତେବେ ଓଡ଼ିଆ ସାହିତ୍ୟର ଉନ୍ମେଷ କାଳରେ କବିକର୍ମର ସୁସଂଯତ କଳାତ୍ମକତାକୁ ଭେଟିବାକୁ ପଡ଼େ ଓ ବିସ୍ମିତ ହେବାକୁ ହୁଏ । ଚଉତିଶାର ଶିଳ୍ପରୀତି ଲଳିତାତ୍ମକ । ଏହା ଏକ ପ୍ରକାର ଅକ୍ଷର କ୍ରମରେ ରଚିତ 'କ'ଠାରୁ 'କ୍ଷ' ଯାଏଁ ଚଉତିରିଶଟି ବ୍ୟଞ୍ଜନ ବର୍ଣ୍ଣକୁ କ୍ରମାନ୍ୱୟରେ ପଦ୍ୟର ଆଦ୍ୟ ଅକ୍ଷର ଭାବେ ଚଉତିଶାରେ ଗ୍ରହଣ କରାଯାଇଥାଏ । ସେଥିପାଇଁ ଚଉତିଶାରେ ସାଧାରଣତଃ ୩୪ଟି ପାଦ ରହିଥାଏ । ଚଉତିଶାର ୩୪ ପଦ ବା ପାଦ ମଧ୍ୟରେ ଓଡ଼ିଆ କବିର ସଂଯତ ବିହରଣ ଏବଂ ବିଭିନ୍ନ ବିଷୟର ଉଲ୍ଲେଖ ଅତ୍ୟନ୍ତ ଚିତ୍ତାକର୍ଷକ ।

ଚଉତିଶାର ଲୋକପ୍ରିୟତା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗକୁ ବେଶ୍ ପ୍ରଭାବିତ କରିପାରିଛି । ଲୋକଗୀତଠାରୁ ଆରମ୍ଭ କରି ପୁରାଣ ପର୍ଯ୍ୟନ୍ତ ଏହାର ପକ୍ଷବିସ୍ତାର । କବିସମ୍ରାଟ ଉପେନ୍ଦ୍ର ଭଂଜ, ଅଭିମନ୍ୟୁ ସାମନ୍ତସିଂହାର, କେଶବରାଜ ହରିଚନ୍ଦନ, ଗୋପୀନାଥ ପାତ୍ର, ପଦ୍ମନାଭ ଶ୍ରୀଚନ୍ଦନ ପ୍ରମୁଖ ବିଶିଷ୍ଟ କାବ୍ୟକାରବୃନ୍ଦ ନିଜ ନିଜ କାବ୍ୟର କେତୋଟି ଛାନ୍ଦକୁ ଚଉତିଶା ନିମୟରେ ରଚନା କରିଯାଇଛନ୍ତି । କୋଇଲି ଗୀତଗୁଡ଼ିକ ଚଉତିଶା ନିୟମ ରକ୍ଷାପାଇଁ ବାଧ ନ ହେଲେ ସୁଦ୍ଧା, ଅଧିକାଂଶ କବି ଏହି ନିୟମକୁ ଆଦରି ନେଇଛନ୍ତି । ଗଣପତି ନାଥଙ୍କ 'ଚାଟବୋଲି', ଦ୍ୱାରକା ଦାସଙ୍କ 'ବାରବୋଲି' ଓଡ଼ିଆ ବୋଲିଗୀତରେ ଚଉତିଶାର ପ୍ରଭାବକୁ ସୂଚାଇଥାଏ । ସନ୍ଦେଶ ଓ ଚିଟାଉ ଗୀତଗୁଡ଼ିକ ମଧ୍ୟ ଚଉତିଶା ନିୟମ ଦ୍ୱାରା ବିଶେଷ ଭାବେ ପ୍ରଭାବିତ । ଉପେନ୍ଦ୍ରଭଂଜ, ବ୍ରଜସୁନ୍ଦର ପଟ୍ଟନାୟକ, ବିଷ୍ଣୁଦାସ ପ୍ରମୁଖଙ୍କ ଚିଟାଉ ଚଉତିଶାଗୁଡ଼ିକ ଏ ପ୍ରସଙ୍ଗରେ ଉଲ୍ଲେଖନୀୟ । ଓଡ଼ିଆ ଚମ୍ପୁଗୁଡ଼ିକ ଚଉପଦି-ଚଉତିଶା ମାତ୍ର । ଅନ୍ୟ ଜଣେ ଜଗନ୍ନାଥ ଦାସ 'ଭାଗବତ'ର ବିଷୟବସ୍ତୁକୁ 'ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପଚାଶବର୍ଣ୍ଣ ନିୟମାମଠିକ ଅଧ୍ୟାୟରେ ବିଭକ୍ତ କରି ଶୂନ୍ୟ ଭାଗବତ ପରି ଏକ ପୁରାଣ ମଧ୍ୟ ରଚନା କରିଛନ୍ତି । ପ୍ରତ୍ୟେକ ଛାନ୍ଦକୁ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ବର୍ଣ୍ଣାଦ୍ୟ ନିୟମରେ ରଚିତ ଉପେନ୍ଦ୍ର ଭଞ୍ଜଙ୍କ 'ଛାନ୍ଦଭୂଷଣ', ଚନ୍ଦ୍ରଶେଖର ଭଞ୍ଜଙ୍କ 'ପ୍ରେମ ମଞ୍ଜରୀ', ଜଗନ୍ନାଥ ପାଣିଙ୍କ 'ପ୍ରମୋଦ ଚନ୍ଦ୍ରମଣି' ପ୍ରଭୃତି କାବ୍ୟ ଚଉତିଶାର ସଂପ୍ରସାରିତ ରୂପ । କେବଳ ବିଦଗ୍ଧ ସାହିତ୍ୟ ନୁହେଁ, ଲୋକଗୀତ ଓ ଲୋକ ନୃତ୍ୟଗୁଡ଼ିକ ମଧ୍ୟ ଚଉତିଶା ପ୍ରଭାବିତ କରୁଥିବା ଦୁର୍ଲକ୍ଷ୍ୟ ନୁହେଁ । ରସରକେଳି ଚଉତିଶା, ଦଣ୍ଡନାଟର ବୀଣାକାର ଗୀତ, ଶଗଡ଼ିଆ ଗୀତଗୁଡ଼ିକ ଚଉତିଶା ରୀତିରେ ରଚିତ ।

ଚଉତିଶାର ଏ ପ୍ରକାର ଆଦର, ପ୍ରାୟୋଗିକ ଉପେଯାଗିତା ବିଦଗ୍ଧ କବିମାନଙ୍କୁ ଏହାର ଆଙ୍ଗିକରେ ବୈଚିତ୍ର୍ୟ ସୃଷ୍ଟି କରିବାପାଇଁ ପ୍ରଲୋଭିତ କରିଛି । ସାଧାରଣ କବିମାନେ ସରଳ ପ୍ରାଞ୍ଜଳ ଭାବରେ ଚଉତିଶାମାନ ସର୍ଜନା କରିଥିବାବେଳେ ବିଦଗ୍ଧ କବିମାନେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ଅନୁଲୋମ- ବିଲୋମ ସ୍ଥାନାୟନକୁ ନେଇ ଚଉତିଶାର କଳେବରକୁ ବୈଚିତ୍ର୍ୟମଣ୍ଡିତ କରିଛନ୍ତି । ଭାବବସ୍ତୁ ଦୃଷ୍ଟିରୁ ଚଉତିଶାଗୁଡ଼ିକ ଭକ୍ତିମୂଳକ ଚଉତିଶା, ପ୍ରୀତିଭାବ ଦ୍ୟୋତକ ଚଉତିଶା, ପୌରାଣିକ ଓ ଆଖ୍ୟାନମୂଳକ ଚଉତିଶା, ତତ୍ତ୍ୱାଶ୍ରୟୀ ଚଉତିଶା, ଉତ୍ସବ ଓ ବିବିଧ ଚିତ୍ତବୃତ୍ତିମୂଳକ ଚଉତିଶା ରୂପରେ ବିଭକ୍ତ ହୋଇ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଗତିଶୀଳ ହୋଇଆସିଛି ।

ଓଡ଼ିଆରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଅସଂଖ୍ୟ ଚଉତିଶା ମଧ୍ୟରୁ ସର୍ବାଧିକ ଲୋକପ୍ରିୟ । ଏହି ଚଉତିଶାଟି ତାଙ୍କ ରଚିତ ରସକଲ୍ଲୋଳ କାବ୍ୟପରି ସରଳ, ପ୍ରାଞ୍ଜଳ, କୋମଳ ଓ ମଧୁର ଭକ୍ତିଭାବନାର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ । ଲୋକ ପ୍ରଚଳନରେ ତାଙ୍କ ଜୀବନ ଦୁଃଖ ଜର୍ଜରିତ ଏବଂ ଶରୀର ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ । ସମଗ୍ର ଚଉତିଶାରେ କୃପାନିଧି ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣେ ଆର୍ତ୍ତଭକ୍ତର କାରୁଣ୍ୟ ଉଦ୍‌ବେଳିତ । ଭାବ ଉପଯୋଗୀ ଭାଷା ଯୋଗୁ ଚଉତିଶାଟିର ଆଦର ଦୀର୍ଘ ଚାରିଶହ ବର୍ଷ ମଧ୍ୟରେ ମ୍ଳାନ ପଡ଼ି ନାହିଁ । ବିଦଗ୍ଧ ପାଠକ ଏବଂ ଶ୍ରୋତାମାନେ ତାକୁ କେବଳ ଶୁଣି ଓ ପାଠକରି ସନ୍ତୁଷ୍ଟ ହୋଇନାହାଁନ୍ତି; କବିର ଭାବନାକୁ ଚିତ୍ର ମାଧ୍ୟମରେ ରୂପଦେବାପାଇଁ ପ୍ରୟାସ କରିଛନ୍ତି ଏବଂ ସଂସ୍କୃତ ଅନୁବାଦ ମାଧ୍ୟମରେ ଓଡ଼ିଆ ରଚନାଟିକୁ ବିଶ୍ୱଦରବାରରେ ପହଞ୍ଚାଇବା ନିମନ୍ତେ ଚେଷ୍ଟା କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି ।

କବି ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଓ କବି ନିରେନ୍ଦ୍ରାନୁଜଙ୍କ 'ଜଣାଣ ଚଉତିଶା' ଉଭୟର ଭାବ, ଶବ୍ଦ ପ୍ରୟୋଗ ଓ ଗଠନ ପ୍ରକ୍ରିୟା ଦୃଷ୍ଟିରୁ ଏକ ପ୍ରକାରର । ଆର୍ତ୍ତ ଭକ୍ତର ଭାବାବେଗ ଏହି ଚଉତିଶା ଦ୍ୱୟର ଭାବଭୂମି । କ୍ଷମତାପୀଡ଼ିତ ମଣିଷ ଭିତରେ ମୁକ୍ତିପ୍ରତ୍ୟାଶୀ ଆତଙ୍କ ଏଠାରେ ଅଧ୍ୟାତ୍ମଆଶ୍ରିତ । ମନେହୁଏ, ସତେଯେପରି ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ ଜନସମୁଦାୟ ଦୀନକୃଷ୍ଣଙ୍କ ଭିତରେ ଆପଣା ଆପଣାକୁ ଅନୁଭବ କରିଛନ୍ତି । ଚଉତିଶାଟିରେ ସେହି ଅନୁଭବର ଅଭିବ୍ୟକ୍ତି ହୋଇଛି ଏବଂ ନରେନ୍ଦ୍ରାନୁଜ ସମଧର୍ମୀ ଭାଷା ପ୍ରୟୋଗ ଓ ଭାବପ୍ରବାହ ମାଧ୍ୟମରେ ଦୀନକୃଷ୍ଣଙ୍କୁ ସତେଯେପରି ପୁନଃ ସର୍ଜନା କରିଛନ୍ତି ।

କବି ନରେନ୍ଦ୍ରାନୁଜ (ରାଜାଭ୍ରାତା)ଙ୍କ ଦ୍ୱାରା ରଚିତ 'ଜଣାଣ ଚଉତିଶା'ଟି ଏକ ଅପ୍ରକାଶିତ ଚଉତିଶା । ଏହି ଚଉତିଶାଟି କଟକର ଜଗନ୍ନାଥ ବଲ୍ଲଭରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଦ୍ୱାରା ସଂଗୃହୀତ, ସତର ପୃଷ୍ଠା ବିଶିଷ୍ଟ ଓ ବିଷୟ ଅନୁସାରେ ବିଭିନ୍ନ ପୃଷ୍ଠା ଚିତ୍ରିତ । ଚଉତିଶାଟିକୁ ପାଠ କଲେ ଏହା ଦୀନକୃଷ୍ଣଙ୍କ ରଚିତ 'ଆର୍ତ୍ତତ୍ରାଣ ଚଉତିଶା'ର ଛାୟାରେ ଲିଖିତ ହୋଇଥିବା ମନେହୁଏ । କିନ୍ତୁ, 'ଆର୍ତ୍ତତ୍ରାଣଚଉତିଶା'ର ଭକ୍ତିଭାବନା ଓ ପଦଲାଳିତ୍ୟ ଅନୁସୃତ ଚଉତିଶାଟିରେ ସୁଲକ୍ଷ୍ୟ ନୁହେଁ । କବି ନିଜର ମୌଳିକତା ପ୍ରତିପାଦନ କରିବାପାଇଁ ଏଥିରେ ପ୍ରାନ୍ତଯମକ ଅଳଙ୍କାର ସଂଯୋଜନା କରିବାକୁ ଉଦ୍ୟମ କରିଛନ୍ତି । କିନ୍ତୁ, ଅନେକ ସ୍ଥଳରେ ଏହା ଯମକାଭାସ କିମ୍ବା ପ୍ରାନ୍ତାନୁପ୍ରାସରେ ପର୍ଯ୍ୟବସିତ ହୋଇଛି । ଏହା ଓଡ଼ିଆ ଚଉତିଶାର ସଂଖ୍ୟାବୃଦ୍ଧିରେ ସମର୍ଥ, କିନ୍ତୁ ଗୁଣାତ୍ମକ ଦୃଷ୍ଟିରୁ ସ୍ୱତନ୍ତ୍ରତାର ବାହକ ନୁହେଁ ।

ନନ୍ଦାବାଈ ନାମକ ଲେଖିକାଙ୍କ ଦ୍ୱାରା 'ରୁକ୍ମିଣୀ ଚଉତିଶା'ଟି ରଚିତ ହୋଇଅଛି । ନନ୍ଦାବାଈଙ୍କ ସମୟ ଅଷ୍ଟାଦଶ ଶତାବ୍ଦୀ ବୋଲି ପ୍ରଫେସର କୃଷ୍ଣଚରଣ ସାହୁ ମତ ଦିଅନ୍ତି । କିନ୍ତୁ ଚଉତିଶାଟିର ଭାଷା, ଛନ୍ଦ, ବିଷୟବସ୍ତୁକୁ ଅନୁଧ୍ୟାନ କଲେ କବୟିତ୍ରୀଙ୍କ ସମୟ ସପ୍ତଦଶ ଶତାବ୍ଦୀର ଆଦ୍ୟ ହେବା ଅଧିକ ଯୁକ୍ତିଯୁକ୍ତ । ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ ପ୍ରସଙ୍ଗକୁ ନେଇ ଚଉତିଶାଟି ରଚିତ । ଚୈତନ୍ୟଙ୍କ ପରେ ରାଧାକୃଷ୍ଣ ଉପାସନାର ପ୍ରାବଲ୍ୟ ମଧ୍ୟରେ ଦୀର୍ଘ ସମୟଧରି ଶ୍ରୀକୃଷ୍ଣଲୀଳାରେ ରୁକ୍ମିଣୀ ଗୌଣ ହୋଇ ପଡ଼ିଛନ୍ତି । ମଧ୍ୟଯୁଗୀୟ କବିମାନେ, ବିଶେଷକରି ଉପେନ୍ଦ୍ରୋତ୍ତର କବିମାନେ ରାଧାକୃଷ୍ଣ ପ୍ରଣୟ ଲୀଳାକୁ ହିଁ ନିଜ ନିଜ କାବ୍ୟର ମୁଖ୍ୟ ଉପଜୀବ୍ୟ କରିଛନ୍ତି । ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା ଓ ମଥୁରାଲୀଳା ଭିତରେ ଶ୍ରୀରାଧା ହୋଇ ଉଠିଛନ୍ତି କାବ୍ୟନାୟିକା; ତେଣୁ ଦ୍ୱାରକା ଲୀଳା କବିମାନଙ୍କ ପାଇଁ ଅପାଂକ୍ତେୟ ହୋଇପଡ଼ିଛି । ପରକୀୟା ପ୍ରେମ ଉଲ୍ଲାସରେ ସେମାନେ ବିଭୋର । ଷୋଡ଼ଶ ଶତାବ୍ଦୀର ଶେଷ ଭାଗ ବା 'ରୁକ୍ମିଣୀ ବିଭା'ର କବି କାର୍ତ୍ତିକ ଦାସଙ୍କଠାରୁ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର'ର ରଚୟତା ଯଦୁମଣିଙ୍କ ପର୍ଯ୍ୟନ୍ତ ରୁକ୍ମିଣୀ ଓଡ଼ିଆ ସାହିତ୍ୟରୁ ପ୍ରାୟ ନିର୍ବାଶିତ କହିଲେ ଅଯଥାର୍ଥ ହେବନାହିଁ। ଚଉତିଶାଟିର କାହାଣୀ ଅତ୍ୟନ୍ତ ସରଳ । ଲଳିତ ଭାଷା, ବିଷୟ ନିର୍ବାଚନ, ଭାଷାର ଭାବାନୁସାରୀ ଓ ସାବଲୀଳ ପ୍ରୟୋଗ ପାଠକର ଚେତନାକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୃଜନ ରସରେ ମୁଗ୍ଧ କରିରଖେ । ଏହା ଅବଶ୍ୟ ଏକ ପ୍ରେମକାବ୍ୟ, ମାତ୍ର ଅନ୍ୟ ବହୁ ମଧ୍ୟଯୁଗୀୟ ପ୍ରେମ କାବ୍ୟ ପରି ଏଥିରେ ନାରୀର ରୂପ ଓ ମାନସିକ ଅବସ୍ଥା ବର୍ଣ୍ଣନାରେ ସାମାନ୍ୟ ଉଲ୍ଲଂଘନ ପ୍ରକାଶ ପାଇନାହିଁ। ଚଉତିଶାର ଗୋଟିଏ ପଦରେ ବ୍ରାହ୍ମଣଙ୍କ ହାତକୁ ମୁଦା ଲେଖଟିଏ ବଢ଼େଇ ଦେଲାବେଳେ ରୁକ୍ମିଣୀ କହୁଛନ୍ତି, ଏହା ଲେଖ ନୁହେଁ ସ୍ୱୟଂ ରୁକ୍ମିଣୀ । ଏପରି ଅଭିବ୍ୟକ୍ତି ବହୁ କମ ମଧ୍ୟଯୁଗୀୟ ସୃଜନ କର୍ମରେ ଉପଲବ୍ଧ । ପୁଣି ଏହାର ଗାୟନରୀତି ସମ୍ଭବତଃ ଢ଼ଙ୍ଗବୃତ୍ତର ପୁନଃସର୍ଜନ । ଶବ୍ଦବସାଣ ଅସଂସ୍କୃତାୟିତ ଲୋକ ମୁଖର ଉଚ୍ଚାରଣଧର୍ମୀ । ଶବ୍ଦଗୁଡ଼ିକ (ସିଦ୍ଧି, ମୃତାନ୍ତ, ଦଂସ, ସନିଧ, ମତ ଇତ୍ୟାଦି) ଦ୍ୱିତ୍ୱ କରାଯାଇନାହିଁ; 'ଏ' ବର୍ଣ୍ଣ ସ୍ଥାନରେ 'ୟ' ଏବଂ ଚନ୍ଦ୍ରବିନ୍ଦୁ ତଥା ଅନୁସାର ସ୍ଥାନରେ ଅନୁସ୍ୱାରର ବ୍ୟବହାର ରହିଛି । କବି ସତେ ଯେପରି ସାରଳା ଦାସଙ୍କ ସୁଯୋଗ୍ୟ ଅଧିକାରୀ । ତେଣୁ, ରୁକ୍ମିଣୀ ପରିଣୟ ପରି ବିଷୟବସ୍ତୁକୁ ଆଧାର କରି ଏକ ଯୁଗ୍ମ ଚଉତିଶା ରଚନା କରିଥିବା ନନ୍ଦାବାଈଙ୍କୁ କାର୍ତ୍ତିକ ଦାସଙ୍କ ପ୍ରାୟ ସମସାମୟିକ, ଅର୍ଥାତ୍ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ କିମ୍ବା ସପ୍ତଦଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ଜୀବିତ ଥିବା ସମ୍ଭାବନା କରାଯାଏ ।

ଏହି ପ୍ରସଙ୍ଗକୁ ସମର୍ଥନ କରିବା ନିମନ୍ତେ ଅନ୍ୟ ଏକ ପ୍ରମାଣର ଅବତାରଣା କରାଯାଇପାରେ । ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରେ ଉପେନ୍ଦ୍ର ଭଂଜ, ବିଶ୍ୱନାଥ ଖୁଣ୍ଟିଆ ପ୍ରମୁଖ କବିଗଣ କାମୋଦୀ ରାଗରେ ଲିଖିତ ପଦାବଳୀକୁ 'ରୁକ୍ମିଣୀ ଚଉତିଶା'ବାଣୀରେ ଗାଇବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । କାମୋଦୀ ହେଉଛି ଓଡ଼ିଆ କବିମାନଙ୍କର ଏକ ଲୋକପ୍ରିୟ ଛନ୍ଦ । ଆର୍ତ୍ତତ୍ରାଣ ଚଉତିଶା, ଜଣାଣ ଚଉତିଶା ଏହି ଛନ୍ଦରେ ରଚିତ ହୋଇଛି ।

ଏହାକୁ ବିଭିନ୍ନ ବାଣୀରେ ଗାଇବା ପାଇଁ କବିମାନେ ନିର୍ଦ୍ଦେଶ ଦେଇଥିବାରୁ ଗାୟକମାନଙ୍କ ଦ୍ୱାରା ଏହାର ଗାୟନ ପଦ୍ଧତିରେ ବିଭିନ୍ନତା ଥିବା ସୁସ୍ପଷ୍ଟ । ରୁକ୍ମିଣୀ ଚଉତିଶାର ଗାୟନ କୌଶଳ ଲୋକଛନ୍ଦର ନିକଟବର୍ତ୍ତୀ, ଅତ୍ୟନ୍ତ ଶ୍ରୁତିମଧୁର । ଉପେନ୍ଦ୍ରଭଞ୍ଜ ଏହାର ବାଣୀ ଅନୁସରଣ କରିଥିବା ଯୋଗୁ ଚଉତିଶାଟି ସମକାଳରେ ଲୋକପ୍ରିୟତା ଅର୍ଜନ କରିପାରିଥିଲା । ପୂର୍ବବର୍ତ୍ତୀ କବିମାନେ ମଧ୍ୟ ଏହି ଚଉତିଶାର ଗାୟନ କୌଶଳକୁ ବାଣୀରୂପେ ଗ୍ରହଣ କରିଥାଇପାରନ୍ତି । ତେଣୁ, ନନ୍ଦାବାଈଙ୍କୁ ଉପେନ୍ଦ୍ରଭଞ୍ଜଙ୍କ ପୂର୍ବବର୍ତ୍ତୀ କବି ଭାବରେ ଗ୍ରହଣ କରାଯାଇପାରେ ।

ଆଙ୍ଗିକ ଦୃଷ୍ଟିରୁ ମଧ୍ୟ ଏହି ଚଉତିଶାଟି ଗୁରୁତ୍ୱପୂର୍ଣ୍ଣ । ଏହାଏକ ଯୁଗ୍ମ ଚଉତିଶା । କବି ରୁକ୍ମିଣୀ ହରଣ ପ୍ରସଙ୍ଗକୁ ଆଧାର କରି ଚଉତିଶାଟି ଆରମ୍ଭ କରିବାପରେ ବୋଧହୁଏ ଅନୁଭବ କରିଛନ୍ତି, ଗୋଟିଏ ଚଉତିଶା ମଧ୍ୟରେ ଏହାର ବିଷୟବସ୍ତୁକୁ ଯଥାର୍ଥ ରୂପଦେବା ସମ୍ଭବ ନୁହେଁ । ଅବଶ୍ୟ ଚଉତିଶା ପାଇଁ ସେ ଏକ ଦୀର୍ଘବୃତ୍ତ ଏବଂ ଗୋଟିଏ ଗୋଟିଏ ବର୍ଣ୍ଣକୁ ନେଇ ଦୁଇ ଦୁଇଟି ପଦର ପରିକଳ୍ପନା କରିଛନ୍ତି ।ତଥାପି ଗୋଟିଏ ଚଉତିଶା ବିଷୟବସ୍ତୁ ପାଇଁ ଯଥେଷ୍ଟ ନଥିବା ସମ୍ଭାବନା ସେ ଉପଲବ୍ଧି କରିଛନ୍ତି । ଏଥିପାଇଁ ଦୁଇଟି ଚଉତିଶାର ବିନିଯୋଗ କରିଛନ୍ତି । ଫଳରେ ଶ୍ରୀକୃଷ୍ଣଙ୍କ ବିବାହ ବର୍ଣ୍ଣନା ସଂପୂର୍ଣ୍ଣ ହୋଇଛି । ପ୍ରଥମ ଚଉତିଶାଟି ରୁକ୍ମିଣୀଙ୍କ ଦ୍ୱାରା ଦ୍ୱାରକାକୁ ଦୂତ ପ୍ରେରଣଠାରେ ଏବଂ ଦ୍ୱିତୀୟଟି ବିବାହରେ ଶେଷ ହୋଇଛି । ପ୍ରଥମର ବର୍ଣ୍ଣାନୁକ୍ରମ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ, ଏବଂ ଦ୍ୱିତୀୟଟି 'କ୍ଷ' ଠାରୁ 'କ' ପର୍ଯ୍ୟନ୍ତ । ପ୍ରାୟ ସର୍ବତ୍ର ଗୋଟିଏ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣକୁ ଆଦ୍ୟରେ ରଖି ଦୁଇଟି ପଦ ରଚିତ ହୋଇଥିବାବେଳେ କେତୋଟିରେ ଗୋଟିଏ ଗୋଟିଏ ପଦ ରହିଛି । ଏହା ଲିପିକାରଙ୍କ ପ୍ରମାଦ କି କବିକଳ୍ପିତ, ତାହା କହିବା ସମ୍ଭବ ନୁହେଁ ।

ସୁରକ୍ଷିତ ଓ ସଂପୂର୍ଣ୍ଣ ଏହି ପୋଥିଟି କେଉଁଠାରୁ ସଂଗୃହୀତ ତାହା ଜଣାଯାଏ ନାହିଁ । ଚିତ୍ରଶିଳ୍ପୀ ନିଜର ନାମ ଗୋପନ ରଖିଛନ୍ତି । ଚଉତିଶାଟିର ଲେଖକ ନାରାୟଣ ଦାସ । ନାରାୟଣ ଦାସଙ୍କ ପରିଚୟ ଦେବାକୁ ଯାଇ ଗବେଷକ କେଦାରନାଥ ମହାପାତ୍ର ସ୍ୱୀୟ 'ଖୁରୁଧା ଇତିହାସ'ରେ ଲେଖିଛନ୍ତି – "ପ୍ରେମ ପଞ୍ଚାମୃତ ସିନ୍ଧୁ' ନାମକ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏହା ତେରଟି ଅଧ୍ୟାୟ ବା ବିନ୍ଦୁରେ ବିଭକ୍ତ । ଗ୍ରନ୍ଥଟିର ରଚନା କାଳ / ପ୍ରତିଲିପି ପ୍ରସ୍ତୁତିର ସମୟ ଶ୍ରୀ ଦିବ୍ୟସିଂହ ଦେବଙ୍କ ତେତିଶ ଅଙ୍କ ଆଶ୍ୱୀନ କୃଷ୍ଣ ପଞ୍ଚମୀ ମଙ୍ଗଳବାର ଅର୍ଥାତ୍ ୧୭୧୫ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସ ୬ ତାରିଖ ।" ଲିପିକାରଙ୍କ ଅଜ୍ଞାତବଶତଃ ୩୪ ଅଙ୍କଟି ୩୩ ଅଙ୍କରୂପେ ଉଲ୍ଲିଖିତ ଅଛି । ତେଣୁ କବିଙ୍କୁ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ପାଦରେ ଜୀବିତ ଥିବା କିମ୍ବା ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜନ୍ମଗ୍ରହଣ କରିଥିବା ଅନୁମାନ ଅସମୀଚୀନ ନୁହେଁ । ସେହିପରି ନାରାୟଣ ଦାସଙ୍କ ନାମରେ ଅନ୍ୟ ଏକ ରଚନା ଦେଖିବାକୁ ମିଳେ । ଏହା କବିଶେଖର ଜ୍ୟୋତିରୀଶ୍ୱରଙ୍କ ସଂସ୍କୃତ ପଞ୍ଚଶାୟକ ଗ୍ରନ୍ଥର ଓଡ଼ିଆ ଅନୁବାଦ । ଉପଲବ୍ଧ ଏହାର ଗୋଟିଏ ପୋଥିରେ (ଙ ଖ /୩୨୩) ଲେଖାଅଛି, 'ଏମନ୍ତ ପ୍ରକାର ବିଚିତ୍ର ପଞ୍ଚପଟଳ ଶେଷ, ରସିକ ଜନେ ବୁଝିକର ରମଣ ବୋଲି ନାରାୟଣ ଦାସ'। ପଞ୍ଚଶାୟକର ନାରାୟଣ ଦାସ ନିଜକୁ କବିଶେଖର ଉପାଧିରେ ଚିହ୍ନିତ କରିଛନ୍ତି । 'କୁମୁଦକାନ୍ତ' ଚଉତିଶାର ବିଷୟବସ୍ତୁ ଓ ଚିତ୍ରଗୁଡ଼ିକୁ ଅନୁଶୀଳନ କଲେ ରଚୟିତା ନାରାୟଣ ଦାସ ପଞ୍ଚାମୃତ ସିନ୍ଧୁ ଓ ପଞ୍ଚଶାୟକର କବି / ଅନୁବାଦକ ବୋଲି ନିଃସନ୍ଦେହରେ କୁହାଯାଇପାରେ । କୁମୁଦକାନ୍ତ ଚଉତିଶା ଉପରୋକ୍ତ ତିନିଗୋଟି ଚଉତିଶାଠାରୁ ଅଲଗା ପ୍ରକାରର । ଏହାକୁ ପଢ଼ିଲେ ଲାଗେ, ମଧ୍ୟକାଳୀନ କାବ୍ୟାଦର୍ଶର ଭାବଧର୍ମୀ । ରୁକ୍ମିଣୀ ନୁହନ୍ତି, ରାଧା ଓ ଗୋପାଙ୍ଗନାମାନେ ଏହାର ନାୟିକା । ସେମାନେ କୃଷ୍ଣ-ସମର୍ପିତା, ଖଣ୍ଡିତା ଏବଂ ମିଳନ-ବିଧୁରା । ସେମାନଙ୍କ ବିଧୁର ପଣକୁ ମାନସିକ ବିଭ୍ରମ କୁହାଯାଇପାରେ, ଯାହା ଶରୀର ଓ ଆଚଣଣରେ ପୂର୍ଣ୍ଣତଃ ଅଭିବ୍ୟକ୍ତ । ଏହି ପୃଷ୍ଠଭୂମିରେ କୁହାଯାଇପାରେ ଯେ, ଜୟଦେବଙ୍କ 'ଗୀତଗୋବିନ୍ଦ' ଉପରୋକ୍ତ କାବ୍ୟାଦର୍ଶର ଉତ୍ସ, ଯାହାର ପ୍ରଭାବରୁ ବୈଷ୍ଣବ ରାଗାନୁଗାମାର୍ଗୀ, ଭକ୍ତକବିମାନେ ନିଜକୁ ଆଦୌ ମୁକ୍ତ କରିପାରିନାହାନ୍ତି । ମାନବୀୟ ପ୍ରେମ ଓ ସମ୍ଭୋଗରେ ସକଳ ସ୍ୱାଭାବିକ ଆଚରଣ କୃଷ୍ଣ, ରାଧା ଓ ଗୋପାଙ୍ଗନା ମାଧ୍ୟମରେ ଉଚ୍ଚାରିତ ହୋଇଛି । ସେହି ନ୍ୟାୟରେ କବି ନାରାୟଣ ଦାସଙ୍କୁ ଜୟଦେବ ଓ କବିସୂର୍ଯ୍ୟଙ୍କ ପରି ଆମେ ଅନ୍ୟତମ 'ତୁଳସୀ ପତ୍ରିଆ' କହିପାରିବା ଏବଂ ସ୍ୱୀକାର କରିବା, ଏହାହିଁ ସେମାନଙ୍କ ଅମରତ୍ୱ ଓ ଲୋକପ୍ରିୟତାର କାରଣ । କବି ଶେଷରେ ଏହା ତାଙ୍କର ଅନୁଭବରୁ କାବ୍ୟିକ ରୂପାୟନ ବୋଲି ସୂଚାଇଛନ୍ତି । ଏଥିରେ ପଞ୍ଚାମୃତ ସିନ୍ଧୁର ଭକ୍ତିଭାବନା ସହିତ ପଞ୍ଚଶାୟକର ପ୍ରୀତି ଭାବନାର ସମନ୍ୱୟ ସୁସ୍ପଷ୍ଟ ।

ଉପର୍ଯ୍ୟୁକ୍ତ ଚାରିଗୋଟି ପୋଥିଚିତ୍ରରେ ଯେଉଁ ଦୃଶ୍ୟ ଜଣେ ଅରସିକକୁ ମଧ୍ୟ ମୋହଗ୍ରସ୍ତ କରିଦିଏ, ତାହା କୁମୁଦକାନ୍ତରେ ଚିତ୍ରିତ ନାୟକ-ନାୟିକାଙ୍କ ଯୁଗନଦ୍ଧ ରୂପ । ଦେହ-ସୁଖ-ବିଭୋର ବିଭିନ୍ନ ବନ୍ଧଚିତ୍ରର ସଂଖ୍ୟା ଗୀତଗୋବିନ୍ଦ, ଉଷାଅଭିଳାଷ, କୁମୁଦକାନ୍ତ ଚଉତିଶା ଓ ଅମର ଶତକରେ ଯଥାକ୍ରମେ ୧୦, ୮, ୨୪ ଓ ୪୮ । ମନେହୁଏ, ସେମାନେ କାମସୂତ୍ର ବର୍ଣ୍ଣିତ ଚଉଷଠି ବନ୍ଧକୁ ଯେପରି ଦେଖିପାରିନାହାନ୍ତି, ୪୮ରେ ଅଟକି ଯାଇଛନ୍ତି । 'କୁମୁଦକାନ୍ତ ଚଉତିଶା'ର ଚିତ୍ରଗୁଡ଼ିକ ସମ୍ଭବତଃ କବିଙ୍କ ଦ୍ୱାରା ଅଙ୍କିତ । ଏଥିରେ ୨୪ ଗୋଟି ବନ୍ଧଚିତ୍ର ରହିଥିଲେ ସୁଦ୍ଧା, ମାତ୍ର ଗୋଟିଏ ପଦ (୩୧ଶ)ରେ ସମ୍ଭୋଗ ବର୍ଣ୍ଣନାର ସୂଚନା ରହିଛି । ମୟୂର ମୟୂରୀ, ମଲ୍ଲଯୁଦ୍ଧ, ବୃଷଭଯୁଦ୍ଧ, ହସ୍ତୀ ଯୁଦ୍ଧ ପ୍ରଭୃତି ଚିତ୍ର ମଧ୍ୟ କବିଙ୍କ କାମ-ଭାବନା ଏବଂ ପ୍ରତୀକାତ୍ମକ ଚିତ୍ରାଙ୍କନ କୌଶଳର ସୂଚକ । ଚିତ୍ରଗୁଡ଼ିକୁ ଶ୍ରୀକୃଷ୍ଣଙ୍କ ମୟୂର ଚୂଳଟିକୁ ଲିଭେଇଦେଲେ, ସେହି ପୁରୁଷ ଯେକୌଣସି ଦକ୍ଷିଣ ନାୟକରେ ରୂପାନ୍ତରିତ ହୋଇଯାଇପାରିବେ । ଚଉତିଶାର ପ୍ରଥମ ଦୁଇଟି ପଦ ଲୌକିକ ଶୃଙ୍ଗାର ରସର ଭ୍ରମ ସୃଷ୍ଟି କରିଥାଏ । ରଚନାରେ ଜଣେ ରସିକ କବିର ଅନୁଭୂତି ଓ ଉଦ୍‌ଗତ ଭାବନା ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକାଶିତ ହୋଇଥିବାଯୋଗୁଁ ଏହା ପାଠକୀୟ ଆଦୃତି ଲାଭ କରିପାରିଛି । ଉପେନ୍ଦ୍ରଭଞ୍ଜଙ୍କ ଭାଷାରେ ଚଉତିଶା 'ଅନୁଭୂତିରୁ ପ୍ରଖ୍ୟାତ ମାନସ ରଚନା'।

ଉପରୋକ୍ତ ଚଉତିଶାଗୁଡ଼ିକର ବୈଶିଷ୍ଟ୍ୟ ହେଉଛି ଏଗୁଡ଼ିକ ଅକ୍ଷର-କର୍ମ (ସାହିତ୍ୟ), ସୂର-କର୍ମ (ସଂଗୀତ) ଓ ରଂଗ-ରେଖା-କର୍ମ (ଚିତ୍ର)ର କଳାତ୍ମକ ସମବାୟ । ଓଡ଼ିଶାରେ ଚିତ୍ରକଳାର ପରମ୍ପରା ପୃଥିବୀର ଅନ୍ୟ ବହୁ ଭୂମିର ଜନସମୁଦାୟଙ୍କ ପରି ବେଶ୍ ପ୍ରାଚୀନ ଏବଂ ଉଭୟ ଦେଶୀ ଓ ବିଦେଶୀ କଳାସମୀକ୍ଷକମାନେ ତତ୍ ସମ୍ପର୍କରେ ବସ୍ତୁନିଷ୍ଠ ଆଲୋଚନା କରିଛନ୍ତି ।

ଗୁମ୍ଫା, ମନ୍ଦିର, ରାଜପ୍ରସାଦ ଓ ମଠର କାନ୍ଥ ଏବଂ ସାଧାରଣ ଗୃହସ୍ଥମାନଙ୍କ ଘରର କାନ୍ଥ ଓ ଚଟାଣ ହୋଇଛି ଏ ଚିତ୍ରର ଭିତ୍ତିଭୂମି । ମାତ୍ର, ପତରକୁ ଚିତ୍ରକରମାନେ କେବେ ପୃଷ୍ଠପଟ୍ଟ ଭାବେ ନିଜର କରିଛନ୍ତି, ଲେଖନୀମୁନରେ ରେଖା ଟାଣିଛନ୍ତି, ରଂଗ ଦେଇଛନ୍ତି, ତାହାର ଇତିହାସ ବିତର୍କିତ । କୁମୁଦକାନ୍ତ ଚଉତିଶାର ଯୁଗନଦ୍ଧ ଚିତ୍ରଗୁଡ଼ିକ ପରମ- ସମ୍ମାନର କଳାରୂପ ହୋଇଥିବାବେଳେ ରକ୍ମିଣୀ ଚଉତିଶା, ଆର୍ତ୍ତତ୍ରାଣ ଚଉତିଶା ଓ ଜଣାଣ ଚଉତିଶାର ଚିତ୍ରାବଳୀକୁ ମଧ୍ୟ ଭାବାନୁସାରୀ ପଦେଯୋଜନା ବା ଅକ୍ଷରବ୍ରହ୍ମର ଚିତ୍ରରୂପ ବୋଲି ଅବଶ୍ୟ କହିପାରିବା । ବାସ୍ତବରେ ଏହି ଚିତ୍ରିତ ଚଉତିଶାଗୁଡ଼ିକ ଆମ ଭାଷା ସାହିତ୍ୟର ଅମୂଲ୍ୟ ସଂପଦ ।

**ସହାୟକ ଗ୍ରନ୍ଥସୂଚୀ**

[୧]. ପଠାଣି ପଟ୍ଟନାୟକ, 'ଓଡ଼ିଆ ସାହିତ୍ୟର ଇତିହାସ', ନାଳନ୍ଦା, ବିନୋଦବିହାରୀ, କଟକ
[୨]. ଭାଗ୍ୟଲିପି ମଲ୍ଲ, 'ଚଉତିଶା ଚିତ୍ରାବଳୀ',
[୩]. ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, 'ଓଡ଼ିଆ ସାହିତ୍ୟର ଇତିହାସ' ପ୍ରଥମ ଖଣ୍ଡ, ପ୍ରକାଶକ ଶ୍ରୀ ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିର, କଟକ